# NATIONAL NEWS BULLETIN (ODIA)

## 11 June 2026

## Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ବସିବ ନୀତି ଆୟୋଗର ଏକାଦଶ ପରିଚାଳନା ପରିଷଦ ବୈଠକ
- ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କୁଳତାରନ୍ତା ଆଲୋଚନାରେ ଯୋଗଦେବା ପାଇଁ ଫିନ୍‌ଲ୍ୟାଣ୍ଡ ଗସ୍ତ କରିବେ
- ଭାରତୀୟ ରେଳବାଇ ପକ୍ଷରୁ ରେଳଷ୍ଟେସନଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ
- ବୁଝାମଣା ପୂର୍ବରୁ ଆକ୍ରମଣାତ୍ମକ ପଦକ୍ଷେପ ପାଇଁ ଇରାନକୁ ଉଚିତ ମୂଲ୍ୟ ଦେବାକୁ ପଡ଼ିବ, କହିଲେ ଆମେରିକା ରାଷ୍ଟ୍ରପତି

ଏବଂ

- ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗର ଅନୁମାନ

# ଗଭର୍ଣ୍ଣିଂ କାଉନ୍‌ସିଲ୍ ମିଟିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ନୀତି ଆୟୋଗର ଏକାଦଶ ପରିଚାଳନା ପରିଷଦ ବୈଠକର ଅଧ୍ୟକ୍ଷତା କରିବେ। ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ବିକଶିତ ଭାରତ ପାଇଁ 'ଟିମ୍ ଇଣ୍ଡିଆ' ସହିତ ସଂପର୍କିତ  ବିଷୟବସ୍ତୁ 'ବିକଶିତ ଭାରତ ୨୦୪୭ ପାଇଁ ସମାବେଶୀ ମାନବ ବିକାଶ' ଏହି ବୈଠକର ଶୀର୍ଷକ ରହିଛି । ବୈଠକରେ ନାଗରିକମାନଙ୍କ ଭବିଷ୍ୟତ ପାଇଁ କୌଶଳ ବିକାଶ, ଉତ୍ପାଦକ ରୋଜଗାର, ଉଦ୍ୟମିତା ଏବଂ ବିକେନ୍ଦ୍ରୀକରଣ ସମର୍ଥିତ ବିକାଶ, ସ୍ୱାସ୍ଥ୍ୟ, ପୋଷଣ ଓ ଜନକଲ୍ୟାଣ ସଂପର୍କରେ ବିଚାର ବିମର୍ଶ କରାଯିବ। ଦେଶବ୍ୟାପୀ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା, ଦକ୍ଷତା ବୃଦ୍ଧି କରିବା ଏବଂ ସ୍ଥାୟୀ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ପଦକ୍ଷେପଗୁଡ଼ିକ ଉପରେ ମଧ୍ୟ ବୈଠକରେ ଆଲୋଚନା କରାଯିବ। ସମାନ ଏବଂ ସ୍ଥାୟୀ ଅଭିବୃଦ୍ଧି ପାଇଁ ଏକ ଏକୀକୃତ ଏବଂ ସହଯୋଗୀ ଆଭିମୁଖ୍ୟକୁ ସୁଦୃଢ଼ କରିବା, ଅନ୍ତର୍ଭୁକ୍ତ ମାନବ ବିକାଶ ଉପରେ ଜାତୀୟ ଦୃଷ୍ଟିକୋଣ ସହିତ ରାଜ୍ୟ ଦୃଷ୍ଟିକୋଣକୁ ସମନ୍ୱିତ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡ଼ିଛି ।

ନୀତି ଆୟୋଗର ପରିଚାଳନା ପରିଷଦ ଗତ ବର୍ଷ ଡିସେମ୍ବର ୨୬ ରୁ ୨୮ ତାରିଖ ମଧ୍ୟରେ ଅନୁଷ୍ଠିତ ମୁଖ୍ୟ ସଚିବମାନଙ୍କ ପଞ୍ଚମ ଜାତୀୟ ସମ୍ମିଳନୀର ସୁପାରିଶ ଉପରେ ମଧ୍ୟ ଆଲୋଚନା କରିବ । ଏହି ବୈଠକରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରଶାସିତ ଅଞ୍ଚଳର ରାଜ୍ୟପାଳମାନେ ଯୋଗଦେବେ ।

## ବିଜେପି ଚିଫ୍-ଏନ୍‌ଡିଏ କନ୍‌କ୍ଲେଭ୍

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ କହିଛନ୍ତି ଯେ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଅନୁଷ୍ଠିତ ଏନଡିଏ ସମ୍ମିଳନୀରେ ୩୫ଟି ରାଜନୈତିକ ଦଳର ୭୫ ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ । ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ନବୀନ କହିଛନ୍ତି ଯେ ଏନଡିଏ ନେତାମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି ଏବଂ ଏକ ଐତିହାସିକ ମାଇଲଖୁଣ୍ଟ ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ ଏହାକୁ ଦେଶର ୧୪୦ କୋଟି ଲୋକଙ୍କ ପାଇଁ ଗର୍ବର ମୁହୂର୍ତ୍ତ ବୋଲି କହିଛନ୍ତି । ଶ୍ରୀ ନବୀନ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଦେଶ ବିକଶିତ ଭାରତ ଲକ୍ଷ୍ୟ ପୂରଣ ଆଡ଼କୁ ଅଗ୍ରସର ହେଉଛି ।

ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ' ସାରା ଦେଶକୁ ଏକତ୍ର କରିଛି । ଶ୍ରୀ ନବୀନ କହିଛନ୍ତି, ଏନଡିଏ ବର୍ତ୍ତମାନ ୨୨ ରୁ ଅଧିକ ରାଜ୍ୟରେ କ୍ଷମତାରେ ଅଛି,

ଯାହା ଭାରତର ପ୍ରାୟ ୭୫ ପ୍ରତିଶତ ଭୌଗୋଳିକ କ୍ଷେତ୍ରକୁ ପରିବ୍ୟାପ୍ତ ହୋଇଛି ।

## ପିଏମ୍ ଓ୍ୱିସେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି, ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ, ଜର୍ମାନ ଫେଡେରାଲ ଚାନ୍‌ସେଲର ଫ୍ରେଡରିଚ୍ ମର୍ଜ, କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ପ୍ରତି ସେମାନଙ୍କର ହାର୍ଦ୍ଦିକ ଶୁଭେଚ୍ଛା ଏବଂ ବାର୍ତ୍ତା ପାଇଁ କୃତଜ୍ଞତା ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ତାଙ୍କର ଇଟାଲୀୟ ପ୍ରତିପକ୍ଷ ଜର୍ଜିଆ ମେଲୋନିଙ୍କୁ  ଧନ୍ୟବାଦ ଜଣାଇଛନ୍ତି କହିଛନ୍ତି, ସେ ଭାରତ-ଇଟାଲୀ ସ୍ୱତନ୍ତ୍ର ରଣନୈତିକ ସହଭାଗୀତାକୁ ଶିଖରକୁ ନେବା ଲାଗି ଅପେକ୍ଷା କରିଛନ୍ତି । ଅନ୍ୟ ଏକ ପୋଷ୍ଟରେ, ପ୍ରଧାନମନ୍ତ୍ରୀ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମଙ୍କୁ  ଧନ୍ୟବାଦ ଜଣାଇ  କହିଛନ୍ତି, ସେ ଭାରତ ଏବଂ ମାଲେସିଆ ମଧ୍ୟରେ ଦୃଢ଼ ଏବଂ ସ୍ଥାୟୀ ବନ୍ଧୁତାକୁ ଗଭୀର ଭାବରେ ମୂଲ୍ୟାୟନ କରନ୍ତି  ଏବଂ ଉଭୟ ଦେଶର ଲାଭ ପାଇଁ ସହଭାଗୀତାକୁ ଆହୁରି ମଜବୁତ କରିବାକୁ ଅପେକ୍ଷା କରିଛନ୍ତି । ଶ୍ରୀ ମୋଦୀ ଜର୍ମାନ ଭାରତ-ଜର୍ମାନୀ ରଣନୈତିକ ସହଭାଗୀତାକୁ ଆହୁରି ମଜବୁତ କରିବା ଏବଂ  ଭାରତ-କାନାଡା ସହଭାଗୀତାକୁ ଆହୁରି ଦୃଢ଼ କରିବାକୁ କହିଛନ୍ତି ।

# ଜୟଶଙ୍କର ବୁଲ୍‌ଗେରିଆ ଭିଜିଟ୍

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କର ସୁଫିଆରେ ବୁଲଗେରିଆର ପ୍ରଧାନମନ୍ତ୍ରୀ ରୁମେନ ରାଦେବଙ୍କୁ ସାକ୍ଷାତ କରିଛନ୍ତି । ସାକ୍ଷାତ ସମୟରେ ବୈଦେଶିକ ମନ୍ତ୍ରୀ ଭାରତର ଦୃଢ଼ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଭାରତ-ବୁଲଗେରିଆ ରଣନୈତିକ ସହଭାଗୀତାକୁ ସୁଦୃଢ଼ କରିବା ନେଇ ଦ୍ୱିପାକ୍ଷିକ ସହଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ  ଡକ୍ଟର ଜୟଶଙ୍କର କହିଛନ୍ତି ଯେ ଉଭୟ ଦେଶ ବାଣିଜ୍ୟ ଏବଂ ନିବେଶ, ଔଷଧ, ସେମିକଣ୍ଡକ୍ଟର, କୃତ୍ରିମ ବୁଦ୍ଧିମତ୍ତା, ମହାକାଶ, ପ୍ରତିରକ୍ଷା ଏବଂ  ପର୍ଯ୍ୟଟନ କ୍ଷେତ୍ରରେ ସହଯୋଗ ନେଇ  ଆଲୋଚନା କରିଥିଲେ । ଉଭୟ ନେତା ପାରସ୍ପରିକ ସ୍ୱାର୍ଥ ଜଡ଼ିତ ଆଞ୍ଚଳିକ ଏବଂ ବିଶ୍ୱ ପ୍ରସଙ୍ଗ ଉପରେ ମଧ୍ୟ ମତ ବିନିମୟ କରିଥିଲେ ।

ଏହା ପୂର୍ବରୁ ଡକ୍ଟର ଜୟଶଙ୍କର ସୋଫିଆରେ ଜାତୀୟ ଐତିହାସିକ ସଂଗ୍ରହାଳୟ ପରିଦର୍ଶନ କରିଥିଲେ ।

ଡକ୍ଟର ଜୟଶଙ୍କର ଆଜି କୁଲତାରନ୍ତା ଆଲୋଚନାର ୧୪ତମ ସଂସ୍କରଣରେ ଯୋଗଦେବା ପାଇଁ ଫିନଲ୍ୟାଣ୍ଡ ଗସ୍ତ କରିବେ ।

## ୟୁଏସ୍-ଇରାନ ଆଟାକ୍

ଇରାନ ଉପରେ ଆମେରିକା ପକ୍ଷରୁ ଗତକାଲି ଆକ୍ରମଣ କରାଯାଇଛି । ପଶ୍ଚିମ ଏସିଆରେ ଉତ୍ତେଜନାମୂଳକ ପରିସ୍ଥିତିକୁ ଶେଷକରିବା ଲାଗି ଉଭୟ ଦେଶ ମଧ୍ୟରେ ବୁଝାମଣା ଲାଗି ଅଗ୍ରଗତି ଘଟୁଥିବା ବେଳେ ଇରାନର ଆକ୍ରମଣାତ୍ମକ ସ୍ଥିତିକୁ ନେଇ ଆମେରିକା ଆକ୍ରମଣ କରିଥିବା ଜଣାପଡ଼ିଛି । ବାହାରିନ୍, କୁଏତ୍ ଏବଂ ଜୋର୍ଡାନରେ ଆମେରିକାର ସେନା ଶିବିରଗୁଡ଼ିକ ଉପରେ ଇରାନ ଆକ୍ରମଣ କରିବା ପରେ ଆମେରିକା ପକ୍ଷରୁ ପ୍ରତିଆକ୍ରମଣ କରାଯାଇଥିବା ସୂଚନା ମିଳିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ବୁଝାମଣାକୁ ଚୂଡ଼ାନ୍ତ ରୂପ ଦେବା ପୂର୍ବରୁ ଇରାନ ଯେଉଁ ପଦକ୍ଷେପ ଗ୍ରହଣ କରିଛି, ସେଥିଲାଗି ତାକୁ ମୂଲ୍ୟ ଦେବାକୁ ପଡ଼ିବ । ଇରାନର ଇସ୍‌ଲାମିକ୍ ରିଭଲ୍ୟୁସନାରୀ ଗାର୍ଡ କର୍ପସ୍ ପକ୍ଷରୁ ହର୍ମୁଜ ପ୍ରଣାଳୀକୁ ସଂପୂର୍ଣ୍ଣ ବନ୍ଦ କରିଦିଆଯାଇଥିବା ସୂଚନା ଦିଆଯାଇଛି ।

## ରେଲୱେ ସେଫ୍ଟି

ଭାରତୀୟ ରେଳବାଇ ରେଳ ଷ୍ଟେସନଗୁଡ଼ିକରେ ଯାତ୍ରୀମାନଙ୍କ ସୁରକ୍ଷା ନିମନ୍ତେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ ଆରମ୍ଭ କରିଛି । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ବର୍ତ୍ତମାନ ଥିବା ଅଗ୍ନି ନିରାପତ୍ତା ବ୍ୟବସ୍ଥାର ମୂଲ୍ୟାଙ୍କନ କରିବା ଏବଂ ଯାତ୍ରୀ ସୁରକ୍ଷା ବୃଦ୍ଧି ଓ ରେଳ ସମ୍ପତ୍ତିର ସୁରକ୍ଷା ପାଇଁ ଆବଶ୍ୟକ ବ୍ୟବସ୍ଥା କରିବା ।

ରେଳ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଷ୍ଟେସନ କୋଠା, ବୈଦ୍ୟୁତିକ ସ୍ଥାପନ, ଏୟାର-କଣ୍ଡିସନିଂ ଏବଂ ବାୟୁ ଚଳାଚଳ ବ୍ୟବସ୍ଥା, ଜରୁରୀକାଳୀନ ପ୍ରସ୍ଥାନ ଏବଂ ଅଗ୍ନି ନିର୍ବାପନ ଉପକରଣ ସମେତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଭିତ୍ତିଭୂମି ଗୁଡ଼ିକର ଯାଞ୍ଚ କରାଯିବ । ଯାଞ୍ଚ ପ୍ରକ୍ରିୟା ସମୟରେ ଚିହ୍ନଟ ହୋଇଥିବା ଯେକୌଣସି ତ୍ରୁଟିକୁ ତୁରନ୍ତ ସମାଧାନ କରାଯିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି ।

ଅଗ୍ନି ନିରାପତ୍ତା ଯାଞ୍ଚ ପଦକ୍ଷେପ, ରେଳ ଷ୍ଟେସନଗୁଡ଼ିକରେ ସୁରକ୍ଷା ମାନଦଣ୍ଡକୁ ସୁଦୃଢ଼ କରିବା ଏବଂ ଜରୁରୀକାଳୀନ ପ୍ରସ୍ତୁତିକୁ ଉନ୍ନତ କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ଗଭ୍-୧୨ ଇୟର୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଭାରତ ଗତ ୧୨ ବର୍ଷ ମଧ୍ୟରେ ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଏବଂ ସବକା ପ୍ରୟାସ ନୀତି ଦ୍ୱାରା ପରିଚାଳିତ ହୋଇ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଛି। ଏହି ସମୟ ମଧ୍ୟରେ, ମୋଦି ସରକାର ଗରିବ, ଚାଷୀ, ମହିଳା ଏବଂ ଯୁବକଙ୍କ କଲ୍ୟାଣ ଏବଂ ସଶକ୍ତିକରଣ ପାଇଁ ଅନେକ ପ୍ରମୁଖ ପଦକ୍ଷେପ ନେଇଛନ୍ତି। ଆକାଶବାଣୀ ସମ୍ବାଦ ବିଶ୍ୱାସ, ବିକାଶ ଏବଂ ଜନକଲ୍ୟାଣର ୧୨ ବର୍ଷ' ଶୀର୍ଷକ ଉପସ୍ଥାପନା କରୁଛି । ଆଜି,

ଆମେ ଗରିବଙ୍କ କଲ୍ୟାଣ ପାଇଁ ସରକାର ନେଇଥିବା ପଦକ୍ଷେପଗୁଡ଼ିକ ବିଷୟରେ ଜାଣିବା ।

ଗତ ୧୨ ବର୍ଷ ମଧ୍ୟରେ, ନରେନ୍ଦ୍ର ମୋଦି ସରକାର ଗରିବଙ୍କ କଲ୍ୟାଣ ଏବଂ ସାମାଜିକ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଅନେକ ପ୍ରମୁଖ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଗରିବଙ୍କ ପାଇଁ ବାସଗୃହ ହେଉଛି ମୋଦି ସରକାରଙ୍କର ପ୍ରମୁଖ କେନ୍ଦ୍ରବିନ୍ଦୁ । ଗ୍ରାମୀଣର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ, ଗ୍ରାମାଞ୍ଚଳରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାର ପାଇଁ ରାଜ୍ୟଗୁଡ଼ିକୁ ଚାରି କୋଟିରୁ ଅଧିକ ଘର ଆବଣ୍ଟନ କରିଛନ୍ତି । ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅଧୀନରେ ଦେଶବ୍ୟାପୀ ୮୧ କୋଟିରୁ ଅଧିକ ହିତାଧିକାରୀଙ୍କୁ ମାଗଣା ଖାଦ୍ୟ ଶସ୍ୟ ଯୋଗାଇ ଦେଉଛନ୍ତି । ଆକାଶବାଣୀ ସମ୍ବାଦ ସହିତ କଥାବାର୍ତ୍ତା କରି ଓଡ଼ିଶାର କଳାହାଣ୍ଡିର ଇନ୍ଦ୍ରମଣି ନାଏକ କହିଛନ୍ତି ଯେ ଏହି ଯୋଜନା ମାଧ୍ୟମରେ ଗରିବ ଲୋକମାନେ ଉପକୃତ ହେଉଛନ୍ତି ।

ବିଶ୍ୱର ସର୍ବବୃହତ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଯୋଜନା, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଦୁର୍ବଳ ପରିବାରକୁ ପାଞ୍ଚ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ପ୍ରଦାନ କରୁଛି, ଯେତେବେଳେ ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ରଗୁଡ଼ିକ ସୁଲଭ ମୂଲ୍ୟରେ ଜେନେରିକ୍ ଔଷଧ ପ୍ରଦାନ

କରୁଛନ୍ତି । ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ପ୍ରାୟ ଦଶ କୋଟି ୮୨ ଲକ୍ଷ ହିତାଧିକାରୀ ନଗଦହୀନ ଚିକିତ୍ସାର ସୁବିଧା ପାଇଛନ୍ତି ।

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ଦଶ କୋଟି ପଞ୍ଚାବନ ଲକ୍ଷରୁ ଅଧିକ ମହିଳାଙ୍କୁ ମାଗଣା ଏଲପିଜି ଗ୍ୟାସ୍ ସଂଯୋଗ ପ୍ରଦାନ କରାଯାଇଛି, ଯାହା ସେମାନଙ୍କୁ ପାରମ୍ପରିକ ରୋଷେଇ ଇନ୍ଧନର ସ୍ୱାସ୍ଥ୍ୟ ବିପଦରୁ ମୁକ୍ତ କରିଛି । ଏହି ସମୟରେ, ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା ଅଧୀନରେ, ଏପର୍ଯ୍ୟନ୍ତ ରାସ୍ତା ବିକ୍ରେତାମାନଙ୍କୁ ଏକ କୋଟି ୧୨ ଲକ୍ଷରୁ ଅଧିକ ଋଣ ବଣ୍ଟନ କରାଯାଇଛି । ଭାରତର ସାମାଜିକ ସୁରକ୍ଷା କଭରେଜ ୨୦୧୫ରେ ୧୯ ପ୍ରତିଶତରୁ ବୃଦ୍ଧି ପାଇ ୨୦୨୫ରେ ୬୪ ପ୍ରତିଶତରୁ ଅଧିକ ହୋଇଛି, ଯାହା ପ୍ରାୟ ୯୪ କୋଟି ନାଗରିକଙ୍କୁ ସରକାରୀ କଲ୍ୟାଣକାରୀ ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ କରିଛି । ପ୍ରାୟ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରାଯାଇଛି, ଯାହା ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଏବଂ କଲ୍ୟାଣକାରୀ ଶାସନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ପ୍ରତିଫଳିତ କରୁଛି ।

## ସଂଗୀତ ନାଟକ ଏକାଡେମୀ

ସଂସ୍କୃତି ମନ୍ତ୍ରଣାଳୟ ୨୦୨୪ ଏବଂ ୨୦୨୫ ବର୍ଷ ପାଇଁ ସଙ୍ଗୀତ ନାଟକ ଏକାଡେମୀ ଫେଲୋସିପ୍ -ଏକାଡେମୀ ରତ୍ନ ଏବଂ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଓ ଉସ୍ତାଦ ବିସମିଲ୍ଲା ଖାନ ଯୁବ ପୁରସ୍କାର ଘୋଷଣା କରିଛି । ଏକାଡେମୀର ସାଧାରଣ ପରିଷଦ ୨୦୨୪ ଏବଂ ୨୦୨୫ ବର୍ଷ

ପାଇଁ ସଙ୍ଗୀତ, ନୃତ୍ୟ, ରଙ୍ଗମଞ୍ଚ, ପାରମ୍ପରିକ, ଲୋକଗୀତ, ଆଦିବାସୀ ସଂଗୀତ, ସଙ୍ଗୀତ, ନୃତ୍ୟ, ରଙ୍ଗମଞ୍ଚ ଏବଂ କଣ୍ଢେଇନାଚ ସମେତ ବିଭିନ୍ନ କ୍ଷେତ୍ରରୁ ୧୦୮ ଜଣ କଳାକାରଙ୍କୁ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପାଇଁ ଚୟନ କରିଛି।  ଏକାଡେମୀର ସାଧାରଣ ପରିଷଦ ୨୦୨୪ ଏବଂ ୨୦୨୫ ବର୍ଷ ପାଇଁ ସଙ୍ଗୀତ ନାଟକ ଏକାଡେମୀ, ଉସ୍ତାଦ ବିସମିଲ୍ଲା ଖାନ ଯୁବ ପୁରସ୍କାର ପାଇଁ ୧ ଶହ ଛଅ ଜଣ ଯୁବ କଳାକାରଙ୍କୁ ଚୟନ କରିଛି। ଏହି ପୁରସ୍କାରଗୁଡ଼ିକ ଏକ ସ୍ୱତନ୍ତ୍ର ଉତ୍ସବରେ ସଙ୍ଗୀତ ନାଟକ ଏକାଡେମୀର ଅଧ୍ୟକ୍ଷ ପ୍ରଦାନ କରିବେ। ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଉସ୍ତାଦ ବିସମିଲ୍ଲା ଖାନ ଯୁବ ପୁରସ୍କାରରେ ଏକ ତାମ୍ରପତ୍ର ଏବଂ ଅଙ୍ଗବସ୍ତ୍ର ବ୍ୟତୀତ ୨୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଏକାଡେମୀ ଫେଲୋ ପାଇଁ ୩ ଲକ୍ଷ ଟଙ୍କା ଏବଂ ଏକାଡେମୀ ପୁରସ୍କାରରେ ଏକ ତାମ୍ରପତ୍ର ଓ ଅଙ୍ଗବସ୍ତ୍ର ସମେତ ୧ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ରାଷ୍ଟ୍ରପତି ଏକ ସ୍ୱତନ୍ତ୍ର ସମାରୋହରେ  ସଙ୍ଗୀତ ନାଟକ ଏକାଡେମୀ ଫେଲୋସିପ୍ ଏବଂ ପୁରସ୍କାର ପ୍ରଦାନ କରିବେ ।

## ପାଣିପାଗ

ଭାରତୀୟ ପାଣିପାଗ ବିଭାଗ ଓଡ଼ିଶା ସମେତ ଅରୁଣାଚଳ ପ୍ରଦେଶ, ଆସାମ, ମେଘାଳୟ, କେରଳମ୍ ଏବଂ ଆନ୍ଧ୍ରପ୍ରଦେଶ ଉପକୂଳରେ ପ୍ରବଳ ବର୍ଷା ହେବା ନେଇ  ଅନୁମାନ କରିଛି । ସୂଚନା ଅନୁଯାୟୀ, ଓଡ଼ିଶା ସମେତ ଗୋଆ, କୋଙ୍କଣ, ରାଜସ୍ଥାନ ଏବଂ ଆନ୍ଧ୍ରପ୍ରଦେଶରେ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ଅନୁଭୂତ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।